ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 997/07-01-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୦୭ ଜାନୁଆରୀ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷ ୩୬୬୭ ଜଣଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ଥିବା ୫୩୦୦ କୋଟି ଟଙ୍କାର ୩ଟି ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରିଥିବାବେଳେ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷ ୯୬୪ ଜଣଙ୍କ ନିଯୁକ୍ତି ସମ୍ଭାବନା ଥିବା ୧୦୦୦ କୋଟି ଟଙ୍କାର ୫ଟି ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯାଜପୁରରେ ୟାଜଦିନ୍ ଇସ୍ପାତ ଓ ଶକ୍ତିର ସମନ୍ୱିତ ଇସ୍ପାତ କାରଖାନା, ସୁନ୍ଦରଗଡ଼ଠାରେ ଶିବା ସିମେଣ୍ଟ ପକ୍ଷରୁ ଅତିରିକ୍ତ କ୍ଲିଙ୍କର ଓ ସିମେଣ୍ଟ କ୍ଷମତା ଏବଂ ଜଗତସିଂହପୁଠାରେ ନୁମାଲଗଡ଼ ବିଶୋଧନାଗାର ଦ୍ୱାରା ଅଣବିଶୋଧିତ ତୈଳ ଟର୍ମିନାଲର ଉନ୍ନତିକରଣ ପ୍ରକଳ୍ପଗୁଡ଼ିକ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଂଜୁରୀ ପାଇଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗତସିଂହପୁରରେ ସଲଫୁରିକ୍ ଏସିଡ୍ ବିସ୍ତାର ୟୁନିଟ୍, ସୁନ୍ଦରଗଡ଼ଠାରେ ପଟ୍ଟନାୟକ ମିନେରାଲ୍ସ ଦ୍ୱାରା ବାର୍ଷିକ ୦.୦୪ ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ ଫେରୋ ମାଙ୍ଗାନିଜ୍ ପ୍ଲାଣ୍ଟ, ବାର୍ଷିକ ୦.୦୩ ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ ସିଲିକୋ ମାଙ୍ଗାନିଜ୍, ବାର୍ଷିକ ୦.୧୨ ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ ମାଙ୍ଗନିଜ ଲାଭକାରୀ, ବାର୍ଷିକ ୧ ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ ଆଇରନ୍ ଓର ଲାଭକାରୀ ଏବଂ ବାର୍ଷିକ ୧୮ ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ ସିପିପି ପ୍ଲାଣ୍ଟ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଂଜୁରୀ ପାଇଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁରଠାରେ କଟକ ଆଗ୍ରିଭେଟ୍ ଦ୍ୱାରା ୧୧୬ କେଏଲ୍‌ପି ଗ୍ରେନ୍ ବେସଡ୍ ଡିଷ୍ଟିଲାରୀ ପ୍ଲାଣ୍ଟ ଏବଂ ମାସିକ ୧ ଲକ୍ଷ କ୍ଷମତାବିଶିଷ୍ଟ ବଟଲିଂ ପ୍ଲାଣ୍ଟ, ପ୍ରିମିୟର ଆଲ୍‌କୋବେଭ୍ ଦ୍ୱାରା ୨୫୦ କେଏଲ୍‌ପି ଗ୍ରେନ୍ ବେସଡ୍ ଡିଷ୍ଟିଲାରୀ ପ୍ଲାଣ୍ଟ, ୫.୫ ମେଗାୱାଟ୍ ବିଜୁଳି ଶକ୍ତି ସହିତ ଆଇଏମ୍‌ଏଫ୍‌ଏଲ୍/ଆଇଏମ୍‌ଆଇଏଲ୍ ବଟଲିଂ ୟୁନିଟ୍ ଏବଂ ପୁରୀର ଏସ୍.ଜେ ଡେଭଲପର୍ସ ଆଣ୍ଡ ହାଉସିଂ ଦ୍ୱାରା ଏକ ୪-ତାରକା ହୋଟେଲ୍ ଏଥିରେ ଅନ୍ତର୍ଭୁକ୍ତ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଉରକେଲା ଇସ୍ପାତ କାରଖାନାରେ ଗ୍ୟାସ୍ ନିର୍ଗତ ଦୁର୍ଘଟଣା କାରଣରୁ ଦୁଃଖଦ ଜୀବନହାନି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଡାକ୍ତରଖାନରେ ଚିକିତ୍ସିତ ହେଉଥିବା ଆହତମାନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାମଲିଙ୍ଗେଶ୍ୱର ଜଳାଶୟର ପୁନଃରୁଦ୍ଧାର ସହିତ ଜଳାଶୟ ମଧ୍ୟରେ ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଭଗବାନ ଶିବଙ୍କ ମୂର୍ତ୍ତି ସ୍ଥାପନ ଓ ଜଳାଶୟ ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ମାଇଲଖୁଣ୍ଟ ହୋଇଛି । ୫ଟି ଅଭିଯାନ ଅନ୍ତର୍ଗତ ରୂପାନ୍ତରଣର ଏହି ଦୃଷ୍ଟାନ୍ତ ବ୍ରହ୍ମପୁର ସହରକୁ ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିବ ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୦,୮୬,୭୩୦ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୧,୧୫୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୭,୦୦୮ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୮୮ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨,୨୦୨ ରହିଛି ।
- ୨,୨୦୨ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**